# Akashvani, Sambalpur

# SAMBALPURI NEWS MORNING BULLETIN

## 27 April 2026 - 6.47- 6.52 am.

---

ମନ୍ କି ବାତ୍        ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆକାଶ୍‌ବାଣୀ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ର ଶହେ ୩୩ ନମ୍ବର୍ ସଂସ୍କରଣ୍‌ଥି ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କରିକରି ଭାରତ୍‌ର ବିକାଶ୍ ଲାଗି ସୌର ଆଉ ପବନ୍ ଶକ୍ତିର୍ ଆବଶ୍ୟକତା ଉପ୍‌ରେ ଜୋର୍ ଦେଇଛନ୍ । ପବନ୍ ଶକ୍ତି କ୍ଷେତ୍ର୍‌ଥି ଭାରତ୍ ପୁର୍‌ଥି ନ ୪ ନମ୍ବର୍ ଠାନେ ରହିଛେ ବଲି ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଦେଶେ ୨୦୨୭ ଡିଜିଟାଲ୍ ଜନଗଣନାକେ ସଫଲ୍ କର୍‌ବାର୍ ଲାଗି ସମ୍‌କୁ ସହଯୋଗ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । ଇତାର୍‌ସହେତେ କଳ୍ପକମ୍‌ର ପହେଲା ବ୍ରିଡ଼ର ରିଆକ୍ଟର୍‌କେ ଭାରତ୍‌ର ପରମାଣୁ ଶକ୍ତି ଯାତ୍ରାର୍ ଐତିହାସିକ୍ ସଫଳତା ବଲି ଶ୍ରୀ

ମୋଦୀ କହିଛନ୍ । ଭାରତ୍‌ର ସ୍ୱାଦ ପରମ୍ପରା ଆଉ ଗୁଣବତା ସାରା ପୁର୍‌ଥିର୍ ଲୁକ୍‌କୁ ନୂଆଁ ଅଭିଜ୍ଞତା ଦେବା ବଲି ସେ ଆଶ୍ କରିଛନ୍ । ଭାରତୀୟ ଯୁବ ପ୍ରତିଭା, ଗଣିତ ଅଲମ୍ପିଆଡ୍‌ଥି ସଫଲ୍ ଦଲ୍ ଆଉ ଭାରତୀୟ ଦରବ୍‌ର ବିଶ୍ୱସ୍ତରୀୟ ସଫଲତାକେ ଭିଲ୍ ପ୍ରଧାନ୍‌ମନ୍ତ୍ରୀ ଇ ଅବ୍‌ସରେ ପ୍ରଶଂସା କରିଛନ୍ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ସ୍ଥଗିତ୍ ରହିଛେ । ରାଏଜେ ହେଉଥିବା ଜବର୍ ଖରାକେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଛେ । ନୂଆଁ ଅଭିଯୋଗ୍ ଶୁଣାଣି ଲାଗି ତାରିଖ୍ ଆଉ ସମିଆ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଧାନ୍‌ସଭାର୍ ଖାସ୍ ଅଧିବେଶନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ବିଧାନ୍‌ସଭାର୍ ଖାସ୍ ଅଧିବେଶନ୍ ଆଏବା ୩୦ ତାରିଖ୍ ଦିନ ହେବା । ଗୁଟେ ଦିନ୍ ଲାଗି ବସ୍‌ବାର୍‌କେ ଥିବା ଅଧିବେଶନ୍‌ଥି ଦେଶର୍ ଗଣତନ୍ତ୍ରଥି ମହିଳାମାନ୍‌କର୍ ଯୋଗ୍‌ଦାନ୍ ଉପ୍‌ରେ ଆଲୋଚନା ହେବା । ଇଥିର୍‌ଲାଗି ବିଧାନ୍‌ସଭା ସଚିବାଳୟ ତର୍‌ଫୁ ବିଜ୍ଞପ୍ତି ଜାରି କରାଯାଇଛେ ।

ଖରାଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ବିଦ୍ୟାଳୟ ନ ଆଏଜ୍‌ଠାନୁ ଖରାଛୁଟି ମୁଲ୍ ହେଉଛେ । ଜୁନ୍ ୧୭ ତାରିଖ୍‌ତକ୍ ରାଜ୍ୟର୍ ସବୁ ସର୍‌କାରୀ, ସର୍‌କାରୀ ଅନୁଦାନ୍ ପ୍ରାପ୍ତ ଆଉ ବେସର୍‌କାରୀ ସ୍କୁଲ୍ ବନ୍ଦ୍ ରହେବା । ରାଏଜେ ହେଉଥିବା ଜବର୍ ଖରାକେ ନଜର୍‌ଥି ରଖିକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଗ୍‌ତୁରା ଖରାଛୁଟି ଘୋଷ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍ ଉତ୍‌ରୁ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଇ ବାବ୍‌ଦେ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଚିଠି କରାଯାଇଛେ । ଇନ ଜନେଇ

ଦିଆଯାଇପାରେ ଯେ, ଗଣଶିକ୍ଷା ବିଭାଗ୍ର ଶିକ୍ଷା କେଲେଣ୍ଡର୍ ହିସାବେ ମେ ୬ ନୁ ଜୁନ୍ ୧୭ ତାରିଖ୍ତକ୍ ଖରାଛୁଟି ହେସି । ହେଲେ ଜବର୍ ଖରା ଲାଗି ରାଜ୍ୟ ସର୍କାର୍ ଇ ବଛର୍ ଆଗ୍ତୁରା ଛୁଟି ଘୋଷ୍ନା କରିଛନ୍ । ଇ ସମିଆଥି ଗ୍ରୀଷ୍ମକାଳୀନ୍ ଶିକ୍ଷା କାର୍ଯ୍ୟକ୍ରମ୍ ସମର୍ ଲର୍ଣ୍ଣିଂକେ କାର୍ଯ୍ୟକାରୀ କର୍ବାର୍ ଲାଗି ବିଭାଗ୍ ତର୍ଫୁ ସବୁ ବିଦ୍ୟାଳୟମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ।
ଆଘୋନୁ ଧାରିଜ୍ ଥିବା ପରୀକ୍ଷା, ଜନଗଣନା କାମ୍ ଆଉ ଅଲ୍ଗା ଅଫିସ୍ କାମ୍ ଧାରିଜ୍ ସମିଆଥି ଚାଲ୍ବା ।

ମୂଲ୍ୟାୟନ ରିପୋର୍ଟ ଦାଖଲ୍ ଆର୍ଏନ୍ୟୁ/ କଟକ୍

ରାଜ୍ୟ ସର୍କାରୀ କର୍ମଚାରୀମାନ୍କୁ ଆଏବା ମାସର୍ ୩୧ ତାରିଖ୍ତକ୍ ନିଜର୍ କାମ୍ ଦକ୍ଷତା ମୂଲ୍ୟାୟନ ରିପୋର୍ଟ ଦାଖଲ୍ କର୍ବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ବାବ୍ଦେ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସବୁ ବିଭାଗ୍ର ମୁଖ୍ୟମାନ୍କୁ ଚିଠି ଲେଖାଯାଇଛେ ।

ରଥ କାଠ ପୁରୀ ସମ୍ବାଦଦାତା

ପୁରୀ ରଥ୍ଯାତ୍ରା ଲାଗି ଶ୍ରୀ ନଅର ନ ଥିବା ଅସ୍ଥାୟୀ ରଥଖଲାଥି ରଥ ତିଆରି କାମ୍ ଜାରି ରହିଛେ । ତିନ୍‌ହି ରଥର୍ ମୋଟ୍ ୪୨ ଟା ତୁମ୍ବର ଗୋଲେଇ କାମ୍ ଶେଷ୍ ହେବାର୍ ଉତ୍‌ରୁ ତୁମ୍ବ ବିନ୍ଧ ଲାଗି ସୁତା ବାଡ଼ିଆ କାମ୍ ଶେଷ୍ ହେଇଛେ । ଗଲାକାଏଲ୍ ଅନୁକୂଳ ପୂଜା ସହେତେ ତୁମ୍ବ ମାନ୍‌କର୍ ବିନ୍ଧ କାମ୍ କରାଯାଇଛେ ।

ବର୍‌ଗଡ଼୍ - ଧାନ୍ ଘିନା ବର୍‌ଗଡ଼୍/ କଲାହାଣ୍ଡି ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ନ ଆଏବା ୧୧ ତାରିଖ୍‌ନୁ ଚଲ୍‌ତି ରବି ଋତୁ ଲାଗି ଧାନ୍ ଘିନା ମୁଲ୍ ହେବା । ଅତାବିରା ଠାନେ ପହେଲା ଧାନ୍ ଘିନାଯିବା । ଖେପ୍ ଖେପ୍ କରି ଜିଲ୍ଲାର୍ ଶହେ ୮୩ ଟା ମଣ୍ଡି ନ ଧାନ୍ ଘିନାଯିବା ବଲି ଜିଲ୍ଲାସ୍ତରୀୟ ଧାନ୍‌ଘିନା କମିଟି ବୈଠକ୍‌ନୁ ଜନାପଡ଼ିଛେ ।

ସେନ୍ତା କଲାହାଣ୍ଡି ଜିଲ୍ଲା ନ ଆଏବା ୨୦ ତାରିଖ୍‌ନୁ ୯୩ ଟା କେନ୍ଦ୍ର ଜରିଏ ଧାନ୍ ଘିନାଯିବା । ଜିଲ୍ଲାର୍ ୫୬ ହଜାର୍ ୬ ଶହ ୩୯ ଝନ୍

ଚାଷୀ ଧାନ୍ ବିକ୍‌ବାର୍‌କେ ନାଁ ପଞ୍ଜିକରଣ୍ କରିଥିବାର୍ ଜନାପଡ଼ିଛେ ।

ବୈଶାଖ୍ ମେଲା              ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ଜିଲ୍ଲା ପାଇକ୍‌ମାଲ୍ ପ୍ରସିଦ୍ଧ ନୃସିଂହନାଥ ପୀଠ ନ ଗଲାକାଏଲ୍‌ନୁ ବୈଶାଖ୍ ମେଲା ମୁଲ୍ ହେଇଛେ । ଭକ୍ତମାନେ ଝର୍‌ନାନୁ ପାଏନ୍ କଲସ୍ ଆନିକରି ବିଶ୍ୱଶାନ୍ତି ମହାଯଜ୍ଞ ପୀଠ ନ କଲସ୍ ଥାପ୍‌ନା ଉତ୍‌ରୁ ପୂଜା ମୁଲ୍ ହେଇଥିଲା । ଆଏଜ୍ ବିଶ୍ୱ ଶାନ୍ତି ମହାଯଜ୍ଞ ସହେତେ ନୃସିଂହ ବୀଜମନ୍ତ୍ର ଜାପ୍ କରାଯିବା । ଆଏବା ୧ ତାରିଖ୍‌ତକ୍ ହେବାର୍‌କେ ଥିବା ମେଲାଥି ଭିନ୍ ଭିନ୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ କରାଯବା ବଲି କମିଟି ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜାତୀୟ କୁସ୍ତି ପ୍ରତିଯୋଗିତା              ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାରାଷ୍ଟ୍ରର ଔରଙ୍ଗାବାଦ୍ ଠାନେ ଆଏବାକାଏଲ୍‌ଠାନୁ ହେବାର୍‌କେ ଥିବା ୧୭ ବଛର୍‌ନୁ କମ୍ ଜାତୀୟ କୁସ୍ତି ପ୍ରତିଯୋଗିତାଥି

ସମ୍ବଲ୍‌ପୁର୍‌ର ପ୍ରୀତି ମିର୍ଦ୍ଧା ଭାଗ୍ ନେବେ । ରାଜ୍ୟ କୁସ୍ତି ପ୍ରତିଯୋଗିତାଥି ସ୍ୱର୍ଣ୍ଣପଦକ୍ ଜିତିକରି ସେ ଓଡ଼ିଶା ଦଲ୍ ଲାଗି ମନୋନୀତ୍ ହେଇଛନ୍ । ୧୭ ବଛରନୁ କମ୍ ୬୧ କେଜି ବିଭାଗ୍‌ଥି ସେ ଓଡ଼ିଶାର୍ ପ୍ରତିନିଧିତ୍ୱ କର୍‌ବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଭିନ୍ ଭିନ୍ ଜାଗା ନ ତାପମାତ୍ରା ବଢ଼୍‌ବାର୍‌କେ ଲାଗିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଜବର୍ ଗରମ୍ ଆଉ ଗୁଳଗୁଳିକେ ନେଇକରି ୧୧ ଟା ଜିଲ୍ଲା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ଇ ସମିଆଥି ଗଞ୍ଜାମ୍, ଗଜପତି, ରାୟଗଡ଼ା, କୋରାପୁଟ୍, ମୟୁର୍‌ଭଞ୍ଜ ଆଉ ବାଲେଶ୍ୱର୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଘଡ଼୍‌ଘଡ଼ି ସହେତେ ଧୁକାପବନ୍ ହେଇପାରେ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।